ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.03 - MARCH 2026

## ପ୍ରକୃତି ସ୍ୱରୂପା

**ଡ଼ଃ ମନ୍ଦାକିନୀ ପାଢ଼ୀ**



ସମଗ୍ର ପ୍ରକୃତି ଶ୍ରୀରାଧା ଭାବରେ
ଆତ୍ମା ପରମାତ୍ମା ଲଭେ
ପାହାନ୍ତି ପ୍ରହରର ସେ ପୁଲକିତ
ଭାବାବେଗ ମନ ମୋହେ ।।

ପୂରୁବ ଆକାଶେ ସୁରୁଜ ଉଇଁଲେ
ଅର୍ଘ୍ୟ ଅର୍ପଣ କରଇ
ପ୍ରେମାତୁର ଭାବଖିଅ ଟାଣି ହୁଏ
ପ୍ରକୃତି ସ୍ୱରୂପା ପାଇଁ ।।

ପ୍ରାତଃ ବନ୍ଦନୀୟା ତୁମେ ପ୍ରିୟମ୍ବଦା
କୃଷ୍ଣ ରଙ୍ଗ ବୋଳି ଆସ
ମଳୟ ବହିଲେ ମୂରଲୀର ସ୍ୱରେ
ବାତୁଳୀ ପ୍ରେମର ଫାଶ ।।

କୃଷ୍ଣମନ୍ତ୍ର ଝଙ୍କାର କର୍ଣ୍ଣେ ବାଜିଲେ
ହୃଦେ ରଖ ଭାବ ପ୍ରୀତି
ବଇଁଶୀ ଡାକୁଛି ରାଧା ନାମ ଧରି
ଉଛୁଳେ ଯମୁନା ସ୍ଥିତି ।।

ଝୁରେ ତନୁମନ କୃଷ୍ଣ ବିନୁ ରାଧା
କୃଷ୍ଣ ପ୍ରେମେ ସେ ଅଧିରା
ତନୟା ତନୁରେ ଅପୂର୍ବ ଆବେଗ
ଝରେ ପ୍ରୀତି ବାରିଧାରା ।।

**ରାଜନୀତି ବିଜ୍ଞାନ ଅଧ୍ୟାପିକା**
**ପଦ୍ମପୁର, ବରଗଡ଼**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*